# NATIONAL NEWS BULLETIN (ODIA)

## 21 June 2026

## Midday Bulletin : 1.50 P.M.

********************************

## ମୁଖ୍ୟ ସମ୍ବାଦ

- ଯୋଗ ହେଉଛି ଭାରତୀୟ ମହାନ୍ ପରମ୍ପରାର ଏକ ପ୍ରତୀକ-କହିଲେ ରାଷ୍ଟ୍ରପତି ।

- କୋଲକାତାଠାରେ ଆନ୍ତର୍ଜାତିକ ଯୋଗଦିବସ ଜାତୀୟ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଲେ’ ଯୋଗ ହେଉଛି ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି ।

- ସ୍ୱଦେଶୀ ନିର୍ମିତ ୩ଟି ଯୁଦ୍ଧଜାହାଜ କୋଲକାତାଠାରେ ଭାରତୀୟ ନୌସେନାରେ ସାମିଲ ।

- ମାନସିକ ଚାପମୁକ୍ତ ହୋଇ ନିଟ୍-ୟୁଜି ପରୀକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଲେ ଶିକ୍ଷାମନ୍ତ୍ରୀ ।

- ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ସ୍ୱିଜରଲ୍ୟାଣ୍ଡରେ ପହଞ୍ଚିଲେ ଆମେରିକା ଓ ଇରାନ୍‌ର ପ୍ରତିନିଧି ମଣ୍ଡଳୀ ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲାଠାରେ ଭାରତ-ଏ ଓ ଶ୍ରୀଲଙ୍କା-ଏ ମଧ୍ୟରେ ଚାଲିଛି ତ୍ରିରାଷ୍ଟ୍ରୀୟ ଏକଦିବସୀୟ କ୍ରିକେଟ୍ ସିରିଜ୍‌ର ଫାଇନାଲ ମ୍ୟାଚ୍ ।

# ପ୍ରେଜ୍ ଜବଲପୁର ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯୋଗ ହେଉଛି ଭାରତର ମହାନ ପରମ୍ପରାର ଏକ ପ୍ରତୀକ । ମାନବଜାତିକୁ ଏକ ସୁସ୍ଥ, ସନ୍ତୁଳିତ ଏବଂ ଅର୍ଥପୂର୍ଣ୍ଣ ଜୀବନଯାପନର ଏହା ମାର୍ଗଦର୍ଶନ କରିଥାଏ ବୋଲି ରାଷ୍ଟ୍ରପତି କହିଛନ୍ତି । ମଧ୍ୟପ୍ରଦେଶ ଜବଲପୁରର ଗ୍ୟାରିସନ ଗ୍ରାଉଣ୍ଡଠାରେ ଅନୁଷ୍ଠିତ ଯୋଗ ସମାବେଶରେ ଯୋଗଦେଇ ରାଷ୍ଟ୍ରପତି କହିଛନ୍ତି ଜଣେ ବ୍ୟକ୍ତିକୁ ନିଜ ସହିତ, ସମାଜକୁ ପ୍ରକୃତି ସହିତ ଏବଂ ମାନବ ଜାତିକୁ ସାର୍ବଜନୀନ ଚେତନା ସହିତ ଯୋଡ଼ିବାରେ ଯୋଗ ହେଉଛି ଏକ ବଡ ମାଧ୍ୟମ । ରାଷ୍ଟ୍ରପତି କହିଛନ୍ତି ସୁସ୍ଥ, ସ୍ୱାବଲମ୍ବୀ ଏବଂ ମର୍ଯ୍ୟାଦାପୂର୍ଣ୍ଣ ଜୀବନଯାପନ ପାଇଁ ଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଯୋଗକୁ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଂଶଭାବେ ଗ୍ରହଣ କରିବାକୁ ରାଷ୍ଟ୍ରପତି ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

**V/O (PREZ-ON-YOGA-IMPORTANCE)**

ଏହି କାର୍ଯ୍ୟକ୍ରମ ପରେ ରାଷ୍ଟ୍ରପତି ରାଣୀ ଦୁର୍ଗାବତୀ ବିଶ୍ୱବିଦ୍ୟାଳୟର ୩୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇଛନ୍ତି । ଆସନ୍ତାକାଲି ରାଷ୍ଟ୍ରପତି କୁନୋ ଜାତୀୟ ଉଦ୍ୟାନ ପରିଦର୍ଶନ କରିବେ । ସହରିଆ ଜନଜାତିର ସଦସ୍ୟ, ଚିତା ଟ୍ରାକର୍ସ ଏବଂ ପାର୍କର କ୍ଷେତ୍ରୀୟ ଦଳର ସଦସ୍ୟମାନଙ୍କ ସହ ରାଷ୍ଟ୍ରପତି ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

## ଯୋଗ ଦିବସ-ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଆଜି  କୋଲକାତାର ରେଡ୍ ରୋଡ୍‌ଠାରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗ ହେଉଛି ମାନବୀୟ ଚେତନାର ସଶକ୍ତ ଅଭିବ୍ୟକ୍ତି। ଏହା ମାନସିକ ସୁସ୍ଥତା ତଥା ଶାରୀରିକ ସୁସ୍ଥତାକୁ ସନ୍ତୁଳିତ କରିବା ସହ ସକାରାତ୍ମକ ଜୀବନ ଅତିବାହିତ କରିବାରେ ସହାୟକ ହୋଇଥାଏ। ସରକାରଙ୍କ ଦ୍ୱାରା ୧୦୦ ଦିନିଆ ଅନଲାଇନ୍ ଯୋଗ ପ୍ରଶିକ୍ଷଣ ଯୋଗୁଁ 'ଚଳିତ ବର୍ଷ ସବୁଦିନ ଯୋଗ' ସ୍ଲୋଗାନ ଲୋକପ୍ରିୟ ହୋଇପାରିଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

## ପିଏମ୍-ନାଭି ପ୍ଲାଟଫର୍ମସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଏକ ନୂତନ ଦୃଷ୍ଟିକୋଣ ଆଧାରରେ ଜାହାଜ ନିର୍ମାଣ କ୍ଷେତ୍ରରେ ଭାରତ ଦ୍ରୁତ ଅଗ୍ରଗତି କରୁଛି । ପଶ୍ଚିମବଙ୍ଗର କୋଲକାତାରେ ଆଜି ସ୍ୱଦେଶୀ ନିର୍ମିତ ୩ଟି ଯୁଦ୍ଧଜାହାଜକୁ ନୌସେନାରେ ସାମିଲ କରିବା ଅବସରରେ ଶ୍ରୀ ମୋଦୀ ଏହା କହିଛନ୍ତି । ସେ କହିଛନ୍ତି କେନ୍ଦ୍ର ସରକାର ଇତିମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବ୍ୟାପକ ନୀତିଗତ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ଜାହାଜ ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ଏବଂ ପରିଚାଳନାକୁ ଏକ ପ୍ରମୁଖ ଜାତୀୟ ମିଶନ ଭାବେ କାର୍ଯ୍ୟକାରୀ କରିବା ନେଇ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି ।

## V/O (PM---MARITIME-ECOSYSTEM)

ନୌସେନାରେ ଆଜି ସାମିଲ ହୋଇଥିବା ୩ଟିଯାକ ଯୁଦ୍ଧ ଜାହାଜ ହେଉଛି ଆଇ.ଏନ୍.ଏସ୍. ଦୁନାଗିରି, ଆଇ.ଏନ୍.ଏସ୍. ସଂଶୋଧକ ଏବଂ ଆଇ.ଏନ୍.ଏସ୍. ଅଗ୍ରୟ । ପ୍ରଧାନମନ୍ତ୍ରୀ କହିଛନ୍ତି ନୌସେନାରେ ଏହି ଯୁଦ୍ଧଜାହାଜଗୁଡ଼ିକ ସାମିଲ ହେବା ପରେ ଦେଶର ସାମୁଦ୍ରିକ କ୍ଷେତ୍ର ଅଧିକ ସୁରକ୍ଷିତ ହୋଇପାରିବ । ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶର ସାମୁଦ୍ରିକ କ୍ଷେତ୍ର ବିକଶିତ ଭାରତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଦେଶରେ ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧିପାଇବା ସହ ରପ୍ତାନୀ କ୍ଷେତ୍ର ମଧ୍ୟ ବ୍ୟାପକ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି ।

## V/O (PM--DEFENCE-PRODUCTION)

ଶ୍ରୀ ମୋଦୀ କହିଛନ୍ତି ଭବିଷ୍ୟତରେ ଭାରତର ସାମୁଦ୍ରିକ କ୍ଷେତ୍ରରେ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ । ନୌସେନା କହିଛି ୭୫ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀ ଉପଯୋଗ ମାଧ୍ୟମରେ ଏହି ଜାହାଜଗୁଡ଼ିକ ନିର୍ମାଣ କରାଯାଇଛି । ଏଥିରେ ଦେଶର ୨୦୦ରୁ ଅଧିକ ଏମ୍ଏସ୍ଏମ୍ଇ କ୍ଷେତ୍ର ସାମିଲ ଅଛନ୍ତି ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଏହି ଯୁଦ୍ଧ ଜାହାଜଗୁଡ଼ିକ ନୌସେନାରେ ସାମିଲ ହେବା ସାମୁଦ୍ରିକ କ୍ଷମତା ବିକାଶରେ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି ସ୍ୱଦେଶୀ ନିର୍ମିତ ଏହି ଜାହାଜଗୁଡ଼ିକ ଦେଶର ଦୃଢ଼ ପ୍ରତିରକ୍ଷା ଉତ୍ପାଦନ

ଇକୋ ସିଷ୍ଟମ ଏବଂ ଆତ୍ମନିର୍ଭରଶୀଳ ଭାରତ ପ୍ରତି ରହିଥିବା ଅଙ୍ଗୀକାରବଦ୍ଧତାକୁ ପ୍ରମାଣିତ କରୁଛି ।

## ପ୍ରଧାନ-ନିଟ୍ ୟୁଜି ଏକ୍ସାମ

ନିଟ୍-ୟୁଜି ପୁନଃପରୀକ୍ଷା ପାଇଁ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଶୁଭକାମନା ଜ୍ଞାପନ କରିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମ ସହ ଆଲୋଚନା କାଳରେ ମନ୍ତ୍ରୀ ଶ୍ରୀ ପ୍ରଧାନ ଭୟଭୀତ ନହୋଇ ଏବଂ ମାନସିକ ଚାପମୁକ୍ତ ଭାବେ ପରକ୍ଷା ଦେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସ୍ୱଚ୍ଛ ତଥା ଅବାଧ ପରୀକ୍ଷା ପାଇଁ ସମସ୍ତପ୍ରକାର ଆନୁଷଙ୍ଗିକ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

ନିଟ୍-ୟୁଜି ପୁନଃ ପ୍ରବେଶିକା ପରୀକ୍ଷା ଆଜି ଅପରାହ୍ଣ ୨ଟାରୁ ୫ଟା ୧୫ ମିନିଟ୍ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଦେଶର ୫୫୧ଟି ସହର ଏବଂ ବିଦେଶର ୧୪ଟି ସହରରେ ୨୨ଲକ୍ଷ ୭୯ହଜାରରୁ ଅଧିକ ଛାତ୍ରଛାତ୍ରୀ ଆଜି ଏହି ପରୀକ୍ଷା ଦେଉଛନ୍ତି ।  ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍‌ଟିଏ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରିବାର ସମୟସୀମା ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ସାଢ଼େ ଗୋଟାଏ ପର୍ଯ୍ୟନ୍ତ ସ୍ଥିର ହୋଇଥିଲା ।

ସିବିଏସ୍‌ଇର ବାକିରହିଥିବା ଫରୀକ୍ଷାଫଳ ପ୍ରକାଶନ ଉପରେ ଆଲୋକପାତ କରି ଶ୍ରୀ ପ୍ରଧାନ କହିଛନ୍ତି ୧୭ଲକ୍ଷ ପରୀକ୍ଷାର୍ଥୀଙ୍କ ମଧ୍ୟରେ ପ୍ରାୟ ୧୫ଲକ୍ଷ ୫୦ହଜାର ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ପ୍ରକାଶ ହୋଇସାରିଛି । ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କର ପୁନଃ ମୂଲ୍ୟାଙ୍କନ

ଏବଂ ଯାଞ୍ଚ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ଆସି ପହଞ୍ଚିଛି ଏବଂ ଖୁବ୍‌ଶୀଘ୍ର ଫଳାଫଳ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ବୈଷ୍ଣବ-ରାଜସ୍ଥାନ ଭିଜିଟ୍

ରାଜସ୍ଥାନର ସମଗ୍ର ସୀମାନ୍ତ ଅଞ୍ଚଳରେ ଏକ ରେଳ ନେଟଓ୍ୱର୍କ ପ୍ରତିଷ୍ଠା ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ରେଳ, ଆଇଟି, ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ବିକାନେର୍ ରେଳଷ୍ଟେସନଠାରେ ଲାଲଗଡ-ସାବରମତୀ ଟ୍ରେନ୍ ଚଳାଚଳକୁ ଶୁଭାରମ୍ଭ କରିବା ଅବସରରେ ସମାବେଶକୁ ସମ୍ବୋଧନ କରି ଶ୍ରୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ସୀମାନ୍ତ ରେଳ ନେଟଓ୍ୱର୍କ ସେହି ଅଞ୍ଚଳର ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ସହିତ ଜାତୀୟ ସୁରକ୍ଷା ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ଏହି ପ୍ରକଳ୍ପ ପାଇଁ ଡିପିଆର୍ ପ୍ରସ୍ତୁତ ହେଉଥିବା ସେ ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି ଭାରତୀୟ ରେଳବାଇର ଆଧୁନିକୀକରଣ ଦ୍ରୁତଗତିରେ ଚାଲିଛି । ରାଜସ୍ଥାନର କେତେକ ଷ୍ଟେସନକୁ ମିଶାଇ ଦେଶବ୍ୟାପୀ ୧ହଜାର ୩୦୦ ରେଳଷ୍ଟେସନର ପୁନଃ ବିକାଶ ଏବଂ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଥିବା ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି । ସେ କହିଛନ୍ତି ରାଜସ୍ଥାନରେ ବର୍ତ୍ତମାନ ୭୬ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳପ୍ରକଳ୍ପ

ନିର୍ମାଣାଧୀନ ରହିଛି । ଗତ ୧୨ ବର୍ଷ ପୂର୍ବେ ରାଜସ୍ଥାନକୁ ୬୫୦ କୋଟି ଟଙ୍କାରୁ ସାମାନ୍ୟ ଅଧିକ ରେଳ ବଜେଟ୍ ଆକାରରେ ମିଳୁଥିବାବେଳେ ଏବେ ଏହା ବାର୍ଷିକ ୧୦ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ଆଜି ରହିଥିବା ଅନ୍ୟାନ୍ୟ କାର୍ଯ୍ୟସୂଚୀ ଗୁଡ଼ିକ ମଧ୍ୟରେ ଶ୍ରୀ ବୈଷ୍ଣବ ଜୟପୁରର ଖାତିପୁରା ରେଳଷ୍ଟେସନରୁ ଖାତିପୁରା-ଦରଭଙ୍ଗା ଅମୃତଭାରତ ଏକ୍ସପ୍ରେସ୍ ଚଳାଚଳର ଶୁଭାରମ୍ଭ କରିବେ । ଏଥିସହିତ ଖାତିପୁରାରେ ଏକ ବୃହତ୍ କୋଚିଂ ଟର୍ମିନାଲ ଏବଂ ରାଜ୍ୟର ବିଭିନ୍ନ ରେଳଷ୍ଟେସନରେ ଯାତ୍ରୀ ସୁବିଧାକୁ ଦୃଷ୍ଟିରେ ରଖି ଗ୍ରହଣ କରାଯାଇଥିବା ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ଉଦ୍‌ଘାଟନ କରିବେ ।

## ୟୁଏସ୍-ଇରାନ୍ ଟକ୍ସ

ଆମରେିକା-ଇରାନ ପରବର୍ତ୍ତୀ ପର୍ଯ୍ୟାୟ ଆଲୋଚନା ପାଇଁ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସ ସ୍ୱିଜରଲ୍ୟାଣ୍ଡଠାରେ ପହଞ୍ଚିଛନ୍ତି । ଗସ୍ତ ପୂର୍ବରୁ ଶ୍ରୀ ଭାନ୍ସ ଆଲୋଚନାର ରୂପରେଖ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯୁଦ୍ଧବିରତି ନେଇ ଏକ ବ୍ୟାପକ ଢ଼ାଞ୍ଚା ପ୍ରସ୍ତୁତି ସହ ପରମାଣୁ ପ୍ରସଙ୍ଗ ଆଧାରରେ ଏହି ଆଲୋଚନା ଗତିଶୀଳ ହେବ । ଅନ୍ୟପକ୍ଷରେ ତେହେରାନର ଏକ ପ୍ରତିନିଧି ମଣ୍ଡଳୀ ସ୍ୱିଜରଲ୍ୟାଣ୍ଡରେ ପୂର୍ବରୁ ପହଞ୍ଚି ସାରିଛନ୍ତି । ତେବେ ଲେବାନନ୍ ସଂଘର୍ଷ ନେଇ ଆଲୋଚନା ହେବା ପରେ ହିଁ ଦ୍ୱିପାକ୍ଷିକ ଯୁଦ୍ଧବିରତି ଆଲୋଚନା ଆଗକୁ ବଢ଼ିବ ବୋଲି ତେହେରାନ

ଚେତାବନୀ ଦେଇଛି । ମିନାବ ୧୬୮ ନାମରେ ନାମିତ ଏହି ପ୍ରତିନିଧି ମଣ୍ଡଳୀର ନେତୃତ୍ୱ ଇରାନ୍ ସଂସଦର ବାଚସ୍ପତି ମହମ୍ମଦ ବାଘେର କାଲିବାଫ ନେଉଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ବୈଦେଶିକ ମନ୍ତ୍ରୀ ଆବାସ ଅରଘାଚି, ଇରାନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ଓ ତୈଳକ୍ଷେତ୍ର ଅଧିକାରୀ ଏହି ପ୍ରତିନିଧି ମଣ୍ଡଳରେ ସାମିଲ ଅଛନ୍ତି । ସୂଚନାଯୋଗ୍ୟ ଦୁଇଦେଶ ମଧ୍ୟରେ ଆଲୋଚନା ଗତ ଶୁକ୍ରବାରଠାରୁ ଆରମ୍ଭ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଥିଲେ ମଧ୍ୟ ଲେବାନନ୍‌ରେ ସଂଘର୍ଷ ବୃଦ୍ଧିକୁ ଦୃଷ୍ଟିରେ ରଖି ଆଲୋଚନାରେ ଇରାନ୍ ପ୍ରତିନିଧି ମଣ୍ଡଳୀ ଅଂଶଗ୍ରହଣକୁ ବାତିଲ କରିଥିଲା ।

ଲେବାନନ୍‌ରେ ଇସ୍ରାଏଲର ଆକ୍ରମଣ ଯୋଗୁଁ ତେହେରାନ୍ ହର୍ମୁଜ୍ ପ୍ରଣାଳୀକୁ ସାର୍ବଜନୀନ ବ୍ୟବହାର ପାଇଁ ବନ୍ଦ କରିଦେଇଛି । ଏହାର ପ୍ରତିକ୍ରିୟାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ୬୦ଦିନ ମଧ୍ୟରେ ଇରାନ୍ ସହ ଯୁଦ୍ଧବିରତି ନେଇ ଚୁକ୍ତି ଚୂଡାନ୍ତ ନ ହେଲେ ହର୍ମୁଜ ପ୍ରଣାଳୀରେ ଯାତାୟତ ପାଇଁ ଆମେରିକା ଶୁଳ୍କ ଲାଗୁ କରିବ ।

# କ୍ରିକେଟ୍

ଶ୍ରୀଲଙ୍କାର ଦାମ୍ବୁଲାଠାରେ ପୁରୁଷବର୍ଗ ଭାରତ-ଏ ଏବଂ ଶ୍ରୀଲଙ୍କା-ଏ ମଧ୍ୟରେ ଦିନିକିଆ ତ୍ରିରାଷ୍ଟ୍ରୀୟ ସିରିଜ୍‌ର ଫାଇନାଲ ମ୍ୟାଚ୍ ଜାରି ରହିଛି । ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ।

ଭାରତ-ଏ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୩୭୭ ରନ୍ ସଂଗ୍ରହ କରିଛି । ଭାରତ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରି ୨୯ ବଲ୍‌ରୁ ୮ଟି ଛକା ଓ ୧୦ଟି ଚୌକା ସହ ୯୪ ରନ୍ ସଂଗ୍ରହ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ତିଲକ ବର୍ମା ୬୭, ରିତୁରାଜ ଗାଏକ୍ୱାଡ ୪୦, ପ୍ରିୟାଂଶ ଆର୍ଯ୍ୟା ୩୯, ଅନୁକୂଳ ରାୟ ୩୯ ଓ କୁମାର କୁସାଗ୍ରା ୩୬ ରନ୍ ସଂଗ୍ରହ କରିଛନ୍ତି ।